بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୭ ସେପ୍ଟେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

## ଖନ୍ଦକ୍ ଯୁଦ୍ଧ ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀର (ସଂକ୍ଷିପ୍ତ) ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ଯେପରିକି ମୁଁ ଗତ ଖୁତ୍‌ବାରେ ଚର୍ଚ୍ଚା କରିଥିଲି ଯେ, ହଜରତ ମୁସଲେହ ମଉଦ ର.ଅ ମଧ୍ୟ ଅହ୍‌ଜାବ୍ ଯୁଦ୍ଧ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଯାହାକିଛି ଉକ୍ତ ଯୁଦ୍ଧରେ ଘଟିଥିଲା ।

ଆପଣ ର.ଅ କୁହନ୍ତି; ଯେହେତୁ ମଦିନାର ଅଧିକାଂଶ ଭାଗ ଖନ୍ଦକ ଯୋଗୁଁ ସୁରକ୍ଷିତ ଥିଲା ଏବଂ ଅନ୍ୟ ପାର୍ଶ୍ୱରେ କିଛି ଉପତ୍ୟାକା ଓ କିଛି ପକ୍କା ଘର ତଥା କିଛି ଉଦ୍ୟାନ ଆଦି ରହିଥିଲା । ତେଣୁ ଶତ୍ରୁର (ମଦିନା ଉପରେ) ହଠାତ୍ ଆକ୍ରମଣ କରିବା ସମ୍ଭବ ନଥିଲା । ସୁତରାଂ ଅମାନ୍ୟକାରୀମାନେ ପରାମର୍ଶ କରି ନିର୍ଣ୍ଣୟ କଲେ ଯେ, କୌଣସି ମତେ ୟହୁଦି କବିଲା ବନୁ କୁରୈଜାଃକୁ ନିଜ ସହିତ ସମ୍ମିଳିତ କରି ଦେବା ଏବଂ ତାଙ୍କ ମାଧ୍ୟମରେ ମଦିନା ଭିତରେ ପ୍ରବେଶ କରିବାର ମାର୍ଗ ଖୋଲିଯିବ । ଅତଏବ ବନୁ ନଜିର୍‌ର ଧନାଢ଼୍ୟ (ସରଦାର) ହୈଇ ବିନ୍ ଅଖତବ୍‌କୁ ଏଥିନିମନ୍ତେ ଚୟନ କରାଗଲା ଯେ, ସେ ବନୁ କୁରୈଜାଃକୁ ନିଜ ସହିତ ସାମିଲ କରିବାକୁ ଚେଷ୍ଟା କରିବ । ପ୍ରଥମେ ତ ବନୁ କୁରୈଜାଃର ସରଦାର୍ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲା କିନ୍ତୁ ହୈଇ ବିନ୍ ଅଖତବ୍‌ର ତାହାକୁ ସବୁଜ ଶ୍ୟାମଳ ରୂପକ ଉଦ୍ୟାନର ସ୍ୱପ୍ନ (ଲୋଭ) ଦେଖାଇବାରେ ସେ ମୁସଲମାନମାନଙ୍କ ସହିତ କରିଥିବା ସନ୍ଧି ଭଙ୍ଗ କରିବାକୁ ରାଜି ହୋଇଗଲା । ବନୁ କୁରୈଜାଃ (ଦଳ) ମୁସଲମାନମାନଙ୍କର ମିତ୍ର ଥିଲା ଏବଂ ଯଦି ବନୁ କୁରୈଜାଃର ଲୋକେ ଯୁଦ୍ଧରେ ସାମିଲ ହୋଇ (ମୁସଲମାନମାନଙ୍କର ସାହାଯ୍ୟ) ନକରନ୍ତି ତଥାପି ଶତ୍ରୁ ପକ୍ଷରେ ଛିଡ଼ା ହେବାର ତ ମୁସଲମାନମାନେ କଦାପି ଆଶା କରି ନଥିଲେ । ଏହି କାରଣରୁ ସେମାନଙ୍କ ପାର୍ଶ୍ୱଟିକୁ (ମୁସଲମାନମାନେ) ସମ୍ପୂର୍ଣ୍ଣ ରୂପେ ଖାଲି ଛାଡ଼ି ଦେଇଥିଲେ । ଏପରି ସମୟରେ ବନୁ କୁରୈଜାଃର ଶତ୍ରୁ ସହିତ ସାମିଲ ହୋଇଯିବାରେ ମଦିନା ଉପରେ (ଶତ୍ରୁ)ର ଆକ୍ରମଣ କରିବାର ଭୟ ବେଶ ବଢ଼ି ଯାଇଥିଲା । ସେ ଯାହା ହେଉ ଏପରି ପରିସ୍ଥିତିରେ ମୁସଲମାନମାନଙ୍କ ମଧ୍ୟରେ ଭାଳେଣି ପଡ଼ିବା ସ୍ୱାଭାବିକ ଥିଲା ଏବଂ ଏହାର ନିରାକରଣ ନିମନ୍ତେ ଉଦ୍ୟମ ଜରୁରୀ ଥିଲା । ଏଥି ସକାଶେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ମଦିନାର (ଅଭ୍ୟନ୍ତର)ର ସୁରକ୍ଷା ନିମନ୍ତେ ହୁଜୁର ସ.ଅ ୫୦୦ଜଣ ମୁସଲମାନମାନଙ୍କୁ ମୁତୟନ କରିବାର ନିଷ୍ପତ୍ତି ନେଲେ । ବନୁ କୁରୈଜାଃର ସନ୍ଧିଭଙ୍ଗ କରିବାର ଖବର ମୁସଲମାନମାନଙ୍କ ନିକଟରେ ପହଞ୍ଚିବା ମାତ୍ରେ ସେମାନଙ୍କର ଭୟ ଅଧିକ ଘନିଭୂତ ହୋଇଗଲା ଏବଂ ସେମାନଙ୍କୁ ନିଜ ସ୍ତ୍ରୀପିଲାଙ୍କର ଚିନ୍ତା ଘାରିଲା । ଯେତେବେଳେ ହୁଜୁର ସ.ଅଙ୍କୁ ଏହି ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ହଜରତ ସଲ୍‌ମା ବିନ୍ ଅସଲମ୍ ର.ଅଙ୍କୁ ୨୦୦ଜଣ ସୈନିକ ଓ ହଜରତ ଜୈଦ୍ ବିନ୍ ହାରସାଃ ର.ଅଙ୍କୁ ୩୦୦ଜଣ ମୁସଲମାନମାନଙ୍କ ସହିତ ମଦିନାର ଅଭ୍ୟନ୍ତର ଅର୍ଥାତ ମହିଳାମାନଙ୍କ ସୁରକ୍ଷା କରିବାକୁ ପ୍ରେରଣ କଲେ ଏବଂ

ସେମାନଙ୍କୁ ତାଗିଦ୍ କଲେ ଯେ, ରାତ୍ରି ସମୟରେ ବିଭିନ୍ନ ସ୍ଥାନରେ ପହରା ଦେବ ତଥା ସମୟ ସମୟରେ ତକ୍‌ବିର୍ ଅର୍ଥାତ ଅଲ୍ଲାହୁ ଅକବର୍ (ଶ୍ଳୋଗାନ) ଦେଉଥିବ ।

ହଜରତ ମିର୍ଜା ବଶିର୍ ଅହେମଦ ସାହେବ ବର୍ଣ୍ଣନା କରନ୍ତି; ଏହି ଉକ୍ତ ପରିସ୍ଥିତିର ସତ୍ୟାସତ୍ୟ ଯାହାକି କୌଣସି ବୁଦ୍ଧିମାନ ବ୍ୟକ୍ତି ନିକଟରେ ଅଛପା ରହିପାରିବ ନାହିଁ ଯେ, ଏତଦ୍ ଦ୍ୱାରା ଦୁର୍ବଳ ମୁସଲମାନମାନେ କିଭଳି ଭୟଭୀତ ଓ ଆତଙ୍କିତ ହୋଇଥିବେ । କେତେକ କପଟବିଶ୍ୱାସୀ ହଜରତ ମୁହମ୍ମଦ [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ କହିବା ଆରମ୍ଭ କରିଦେଲେ ଯେ, ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ସହରରେ ଆମମାନଙ୍କ ଘର ଅସୁରକ୍ଷିତ । ଯଦି ଆପଣ ଅନୁମତି ପ୍ରଦାନ କରନ୍ତି ତେବେ ଆମେ ନିଜ ଘରେ ରହି ତାହାର ସୁରକ୍ଷା କରନ୍ତୁ । ଯାହାର ଉତ୍ତରରେ ଐଶୀବାଣୀ ଅବତୀର୍ଣ୍ଣ ହେଲା । ଓ୍ୱମାହିଅା ବିଅଔରାତିନ୍ ଇଁୟୁରିଦୁନା ଇଲ୍ଲା ଫିରାରା ଅର୍ଥାତ ଏହା ମିଥ୍ୟା ଯେ, ସେହି ଲୋକମାନଙ୍କୁ ନିଜ ଘର ଅସୁରକ୍ଷିତ ଥିବାର ଚିନ୍ତା ଘାରୁ ଥିଲା । ବରଂ ପ୍ରକୃତ କଥା ଏହିକି ଯେ, ସେମାନେ ନିଜ କର୍ମକ୍ଷେତ୍ରରୁ ପଳାୟନ କରିବାର ବାଟ ଖୋଜୁଥିଲେ । ଅତଃ ଏପରି ଭୟଙ୍କର ସମୟରେ ମୁସଲମାନମାନଙ୍କର ଏହି କ୍ଷୁଦ୍ର ଦଳଟି ଯେଉଁଥିରେ ଦୁର୍ବଳ ସ୍ୱଭାବି ଓ କେତେକ କପଟବିଶ୍ୱାସୀ ମଧ୍ୟ ସାମିଲ ଥିଲେ, ସମୁଦ୍ରର ବିନାଶକାରୀ ଝଡ଼ ପରି ଶତ୍ରୁର ଏକ ବିଶାଳ ସେନାବାହିନୀର କ'ଣ ବା ମୁକାବିଲା କରିପାରିଥାନ୍ତା ? ଏବଂ ପରିସ୍ଥିତି ଆହୁରି ଜଟିଳ ହୋଇଯାଇଥାନ୍ତା ଏବଂ ନିକଟତର ଥିଲା ଯେ, କୌଣସି ଦୁର୍ବଳ ଅବସରର ଫାଇଦା ଉଠାଇ ଶତ୍ରୁ ସହର ଭିତରେ ପ୍ରବେଶ କରି ଯାଇଥାନ୍ତା । ସାଧାରଣତଃ ସେହି ମହାପ୍ରଳୟକାରୀ ଆକ୍ରମଣର ମୁକାବିଲା ମୁସଲମାନମାନେ ତୀର ଦ୍ୱାରା କରୁଥିଲେ ।

ଉକ୍ତ ଦିନଗୁଡ଼ିକ ମୁସଲମାନମାନଙ୍କ ସକାଶେ ଅତି କଷ୍ଟକର, ଭୟପ୍ରଦ ଓ ଅତିଷ୍ଟକାରୀ ଦିନ ଥିଲା । ହୁଜୁର[ସ.ଅ] ଏପରି ମହାସଙ୍କଟାପର୍ଣ୍ଣ ପରିସ୍ଥିତିରେ ହଜରତ ସାଦ୍ ବିନ୍ ମାଜ୍ ଓ ହଜରତ ସାଦ୍ ବିନ୍ ଅବାଦାଃ [ର.ଅ]ଙ୍କୁ କହିଲେ; ଯଦି ତୁମେ ଇଚ୍ଛା କର ତେବେ କବିଲା ଗତଫାନ୍‌କୁ ନିଜ ଭଣ୍ଡାରଘରୁ କିଛି ଭାଗ ଦେଇ ଏହି ଯୁଦ୍ଧକୁ ଟାଳି ଦେଇପାର । ଏଥିରେ ଉଭୟ ସାହାବି ଏକସ୍ୱରରେ କହି ଉଠିଲେ, ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଯେତେବେଳେ ଆମେ ଅନେକେଶ୍ୱରବାଦୀ ଥିବା ଅବସ୍ଥାରେ କୌଣସି ଶତ୍ରୁକୁ କିଛି ଦେଇ ନାହୁଁ ତେବେ ଏବେ ମୁସଲମାନ ହୋଇ କାହିଁକି ବା ଦେବୁ । **ଅଲ୍ଲାଃଙ୍କ ରାଣ ! ଆମେ ତ ତାଙ୍କୁ ଖଣ୍ଡାର ଧାର ବ୍ୟତୀତ ଅନ୍ୟ କିଛି ଦେବୁ ନାହିଁ ।** ଯେହେତୁ ହଜରତ ମୁହମ୍ମଦ [ସ.ଅ]ଙ୍କୁ ଅନସାର୍‌ମାନଙ୍କ ଯୋଗୁଁ ଚିନ୍ତା ଥିଲା ଯେଉଁମାନେ ମଦିନାର ଅସଲ ବାସିନ୍ଦା ଥିଲେ ଏବଂ ସମ୍ଭବତଃ ଏହି ପରାମର୍ଶ କରିବାରେ ଆପଣଙ୍କ ଉଦ୍ଦେଶ୍ୟ ମଧ୍ୟ କେବଳ ଏହା ହିଁ ଥିଲା ଯେ, ଅନସାର୍‌ମାନଙ୍କ ଇଚ୍ଛା ଓ ସେମାନଙ୍କ ମନର ଅବସ୍ଥା ଜ୍ଞାତ ହେଉ କି ସେମାନେ ଏସବୁ ବିପତ୍ତିକୁ ଦେଖି ପରିତପ୍ତ ଓ ଦୁଃଖିତ ତ ନାହାନ୍ତି । ଆଉ ଯଦି ସେମାନଙ୍କୁ ଅନୁତାପ କି ଚିନ୍ତା ଘାରୁ ଥିବ ତେବେ ତାହାର ପ୍ରତିକାର କରାଯିବ ତେବେ ହୁଜୁର[ସ.ଅ] ସମ୍ପୂର୍ଣ୍ଣ ଆନନ୍ଦର ସହିତ ସେମାନଙ୍କ ପ୍ରସ୍ତାବ ସ୍ୱାଗତ ଜଣାଇଲେ ଏବଂ ଯୁଦ୍ଧ ଅବ୍ୟାହତ ରହିଲା ।

ଏହି ବିପଦସଙ୍କୁଳ ଅବସ୍ଥାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସ୍ୱୟଂ ବିଭିନ୍ନ ସ୍ଥାନରେ ପହରା ଦେବା ପାଇଁ ଉପସ୍ଥିତ ହେଉଥିଲେ । **ମଦିନାରେ ସେହି ରାତ୍ରିଗୁଡ଼ିକ ଭୀଷଣ ଜାଡୁଆ ରାତି ଥିଲା ଏବଂ କ୍ଷୁଧାର ସମସ୍ୟା ତାହା ଅତିରିକ୍ତ କଷ୍ଟଦାୟକ ଥିଲା ।** ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ଏକଦା ହୁଜୁର[ସ.ଅ] ଏତେ ପରିଶ୍ରାନ୍ତ ଥିଲେ ଯେ, (କାମନା କଲେ) କେହି ପୁଣ୍ୟବନ୍ତ ଆସି ପହରା ଦିଅନ୍ତା କି ! ଇତି ମଧ୍ୟରେ ହଜରତ ସାଦ୍ ବିନ ଅବି ଓ୍ୱକାସ[ର.ଅ] ଆସି କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଆପଣଙ୍କ ସୁରକ୍ଷା ନିମନ୍ତେ ପହରା ଦେବାକୁ ଆସିଛି । ହୁଜୁର[ସ.ଅ] କହିଲେ; ଅମକ ସ୍ଥାନକୁ ଚାଲିଯାଅ ସେଠାରେ ଖନ୍ଦକ୍‌ର ଏକ ଭାଗ ଦୁର୍ବଳ ରହିଛି, ତେଣୁ ସେଠାରେ ଯାଇ ଜଗି ରୁହ । ନବୀଶିରୋମଣୀଙ୍କ ଉତ୍ସର୍ଗୀକୃତ ସାହାବୀଙ୍କର ମଧ୍ୟ ବିଶ୍ୱସ୍ତତାର ଅଭୂତପୂର୍ବ ରଙ୍ଗ ଥିଲା । ସେମାନେ

ନିଜକୁ ଏପରି ଉପସ୍ଥାପନ କରୁଥିଲେ ଏବଂ ଅପରପକ୍ଷେ ହୁଜୁରସ.ଅ ମଧ୍ୟ ସ୍ୱୟଂ ଉପରେ ସେମାନଙ୍କୁ ପ୍ରାଧାନ୍ୟ ଦେଉଥିଲେ । ଏପରି ଜଣେ ମହାନ ବୀର ପରି ଯେ ନିଜର କୌଣସି ପରୱା (ଭ୍ରୂକ୍ଷେପ) ନକରି ମଦିନାର (ସୁରକ୍ଷା) ପାଇଁ ଚିନ୍ତିତ ଓ ବ୍ୟଗ୍ର ଥିଲେ । ତେଣୁ ଅଧିକାଂଶ ସ୍ଥାନରେ ନିଜେ ଯାଇ ପହଞ୍ଚୁ ଥିଲେ ଏବଂ ଯେତେବେଳେ ସାମାନ୍ୟ ବିଶ୍ରାମ କରିବା ପାଇଁ (ହୁଜୁରସ.ଅ) ନିଜ ଶିବିରକୁ ଫେରୁଥିଲେ ସେତେବେଳେ ତାହାର ଅଧିକାଂଶ ସମୟ ପ୍ରଭୁଙ୍କ ଛାମୁରେ ନତମସ୍ତକ ହୋଇ ଦୁଆ କରିବାରେ ବ୍ୟତୀତ କରୁଥିଲେ ।

ଏହି ଯୁଦ୍ଧ ଅବଧିରେ ହଜରତ ସଫିୟା ର.ଅଙ୍କର ବୀରତାର ଗାଥା ମଧ୍ୟ ଉଲ୍ଲେଖ ରହିଛି । ହଜରତ ମିର୍ଜା ବଶିର୍ ଅହେମଦ ସାହେବର.ଅ ଉଲ୍ଲେଖ କରିଛନ୍ତି, ମହିଳା ଓ ପିଲାମାନଙ୍କୁ ସହରର ଏକ ବିଶେଷ ଭାଗରେ ଯାହାକି ଏକ ଦୁର୍ଗ ସଦୃଶ ଥିଲା, ସେଠାରେ ରଖାଯାଇ ଥିଲା ଏବଂ ସେମାନଙ୍କ ସୁରକ୍ଷା ନିମନ୍ତେ ମାତ୍ର ଜଣେ ପୁରୁଷ ମୁତୟନ ରହୁଥିଲେ । ଯେଉଁମାନେ କୌଣସି କାରଣ ବଶତଃ ଯୁଦ୍ଧ କ୍ଷେତ୍ରକୁ ଯିବା ପାଇଁ ସକ୍ଷମ ନଥିଲେ । ୟହୁଦିମାନେ ଏକଦା ଗୁପ୍ତଚର ଭାବରେ ନିଜର ଜଣେ ବ୍ୟକ୍ତିକୁ ସେହି ସ୍ଥାନକୁ ପ୍ରେରଣ କଲେ । ସେତେବେଳେ ମଧ୍ୟ ମହିଳାମାନଙ୍କ ନିକଟରେ ଜଣେ ସାହାବି ହଜରତ ହସାନ୍ ବିନ୍ ସାବିତ୍ ରହିଥିଲେ । ମହିଳାମାନେ ଯେତେବେଳେ ଶତ୍ରୁ ପକ୍ଷର ଉକ୍ତ ଗୁପ୍ତଚରକୁ ଏପରି ସନ୍ଦେହଜନକ ଅବସ୍ଥାରେ ଏଣେତେଣେ ଉଣ୍ଡୁ ଥିବା ଓ ଘୂରିବୁଲୁ ଥିବାର ଦେଖିଲେ ସେତେବେଳେ ହୁଜୁର ସ.ଅଙ୍କ ଫୁପୁ ହଜରତ ସଫିୟା, ହସାନ୍ ର.ଅଙ୍କୁ କହିଲେ; ତାକୁ ଯାଇ ହତ୍ୟା କରିଦିଅ । କିନ୍ତୁ ହସାନ୍ର.ଅ ଏଥିପାଇଁ ସାହସ ଜୁଟାଇ ପାରିଲେ ନାହିଁ । ଫଳତଃ ହଜରତ ସଫିୟାର.ଅ ସ୍ୱୟଂ ଆଗକୁ ବଢ଼ି ଉକ୍ତ ୟହୁଦିର ମୁକାବିଲା କଲେ ଏବଂ ତାହାକୁ ମାରି ଦେଲେ ତଥା ତାହାର ମସ୍ତକ କାଟି ୟହୁଦିମାନଙ୍କ ଆଡ଼କୁ ଫିଙ୍ଗି ଦେଲେ । ଯଦ୍ୱାରା ୟହୁଦିମାନଙ୍କୁ ମୁସଲମାନ ମହିଳାମାନଙ୍କ ଉପରେ ଆକ୍ରମଣ କରିବାର ସତ୍‌ସାହସ କରି ପାରିବେ ନାହିଁ ଏବଂ ସେମାନେ ଏହା ମଣିବେ କି ଏମାନଙ୍କ ସୁରକ୍ଷା ନିମନ୍ତେ ଏହିସ୍ଥଳେ ମଧ୍ୟ ଅନେକ ସୈନିକ ଉପସ୍ଥିତ ଅଛନ୍ତି । **ଅତଏବ ଏହି ଉପାୟ ଫଳପ୍ରଦ ସାବ୍ୟସ୍ତ ହେଲା ଏବଂ ୟହୁଦିମାନେ ସେଠାରୁ ପଳାୟନ କଲେ ।**

ହଜରତ ମୁସଲେହ ମଉଦର.ଅ ମଧ୍ୟ ଉକ୍ତ ଘଟଣାର ଚର୍ଚ୍ଚା କରି ବର୍ଣ୍ଣନା କରିଛନ୍ତି, ଅନୁସନ୍ଧାନରୁ ଏହା ଜଣା ପଡ଼ିଛି ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ୟହୁଦି ଥିଲା ଏବଂ ବନୁ କୁରୈଜାଃ ଦଳର ଗୁପ୍ତଚର ଥିଲା । ସେଥିପାଇଁ ମୁସଲମାନମାନେ ବହୁତ ବ୍ୟତିବ୍ୟସ୍ତ (ଘାବରା) ହୋଇ ପଡ଼ିଥିଲେ । ସେମାନେ ମନେ କଲେ ଯେ, ଏବେ ତ ମଦିନାର ଏହି ସ୍ଥାନଟି ମଧ୍ୟ ସୁରକ୍ଷିତ ରହିଲା ନାହିଁ । ଅତଃ ହଜରତ ମୁହମ୍ମଦସ.ଅ ମହିଳାମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଲେ ଏବଂ ୫୦୦ଜଣ ସିପାହୀଙ୍କୁ ସେମାନଙ୍କ ସୁରକ୍ଷା ନିମନ୍ତେ ପ୍ରେରଣ କରିଦେଲେ । ଆଉ ଖନ୍ଦକ୍‌ର ସୁରକ୍ଷା ନିମନ୍ତେ ୧୮/୨୦ହଜାର ସୈନ୍ୟସାମନ୍ତ ମୁକାବିଲାରେ ମାତ୍ର ୭୦୦ଜଣ ମୁସଲମାନ ସିପାହୀ ରହିଯାଇଥିଲେ ।

ହଜରତ ଅଲୀ ର.ଅଙ୍କର ଉମ୍‌ରୋ ବିନ୍ ଅବ୍‌ଦୁଦ୍‌କୁ ନିହତ କରିବା ଘଟଣା ମଧ୍ୟ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ଉମ୍‌ରୋ ବିନ୍ ଅବ୍‌ଦୁଦ୍ ଜଣେ ଶୂରବୀର ଯୋଦ୍ଧା ଥିଲା ଏବଂ ଆରବମାନଙ୍କ ମଧ୍ୟରେ ସେ ହଜାର ଲୋକଙ୍କ ସମ ବୀର ମଣା ଯାଉଥିଲା । ସେ ନିଜ ସାଥିମାନଙ୍କ ସହିତ ଖନ୍ଦକ୍ (ଗର୍ତ୍ତ) ଅତିକ୍ରମ କରି ଆସିଲା ଏବଂ ଅତି ଅହଂକାର ପୂର୍ଣ୍ଣ ଭଙ୍ଗିରେ ଚିତ୍କାର କରି କହିଲା, ହେ ବୈକୁଣ୍ଠର ଅଭିଳାଷି ! ଆସ ମୁଁ ତୁମକୁ ସେପୁରରେ ପହଞ୍ଚାଇ ଦେଉଛି ଅଥବା ତୁମେ ମୋତେ ନର୍କଗାମୀ କରିଦେବ । ଯେତେବେଳେ ସେ ଏହିପରି ଦୁଇ ତିନି ଥର କହିଲା ସେତେବେଳେ ନବୀଶ୍ରେଷ୍ଠ ସ୍ୱୟଂ ନିଜର ପଗଡ଼ି ହଜରତ ଅଲୀ ର.ଅଙ୍କ ମୁଣ୍ଡରେ ବାନ୍ଧି ଦେଲେ ଏବଂ ନିଜ ଖଣ୍ଡା ତାଙ୍କୁ ପ୍ରଦାନ କଲେ ତଥା ଦୁଆ ଦେଇ ତାହାର ପ୍ରତିଦ୍ୱନ୍ଦିତା କରିବାକୁ ତାଙ୍କୁ ପ୍ରେରଣ କଲେ । ସେ ହଜରତ ଅଲୀ ର.ଅଙ୍କର ମୁକାବିଲା କରି ନିହତ ହେଲା, ତାହାର ଦୁର୍ଦ୍ଦଶା ଦେଖି ବାକି ଅମାନ୍ୟକାରୀମାନେ ଭୟଭୀତ ହୋଇ ସେଠାରୁ ପଳାୟନ କଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ଜରାର୍ ବିନ୍ ଖିତାବ୍ ଯେ କି ହଜରତ ଉମର୍ ର.ଅଙ୍କର

ଭାଇ ଥିଲା, ପଳାୟନ କରୁଥିବାର ଦେଖି ହଜରତ ଉମର୍ ତାହାର ପିଛା କଲେ । ଜରାର୍ ହଠାତ୍ ଅଟକି ଯାଇ ହଜରତ ଉମର୍ ର.ଅଙ୍କୁ ବର୍ଛା ମାରିବାକୁ ପ୍ରସ୍ତୁତ ହେଲା ଯେ, ସ୍ୱତଃ ଅଟକିଗଲା ଏବଂ ଆକ୍ରମଣ କଲା ନାହିଁ । ଜରାର୍ ନିଜ ଭାଇ ଉପରେ କ'ଣ ବା ଦୟା କରିବ, ପରାକ୍ରମୀ ଅଲ୍ଲାଃତାଲା ତାହା ଉପରେ ଦୟା କଲେ କି ମକ୍କା ବିଜୟ ହେବା ସମୟରେ ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଗଲା । ସେଥିଅନ୍ତେ ସେ ଇସଲାମୀୟ ଯୁଦ୍ଧରେ ପୂର୍ଣ୍ଣ ରୂପେ ଯୋଗଦାନ କରି ନିଜ ବୀରତା ଓ ପ୍ରତିଭାର ଖୁବ୍ ପ୍ରଦର୍ଶନ କରି ଶେଷରେ ୟମାମାଃ ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଆଉ କେତେକ କହନ୍ତି ଯେ, ସେ ଶହିଦ୍ ହୋଇ ନଥିଲେ ବରଂ ଦୀର୍ଘ କାଳ ପର୍ଯ୍ୟନ୍ତ ଜୀବିତ ରହିଥିଲେ ଏବଂ ଇସଲାମ ଅବସ୍ଥାରେ ଦେହତ୍ୟାଗ କରିଥିଲେ ।

କେତେକ ବର୍ଣ୍ଣନାନୁଯାୟୀ ଉମ୍ରୋ ବିନ୍ ଅବ୍ଦୁଦ୍ଙ୍କ ପରିବର୍ତ୍ତେ ନଓ୍ୱଫିଲ୍ ବିନ୍ ଅବ୍ଦୁଲ୍ଲାଃ ଏକ ଅବସରରେ ନିହତ ହୋଇଥିଲା ଏବଂ ତାହାର ମରଶରୀର ଅମାନ୍ୟକାରୀଙ୍କୁ ହସ୍ତାନ୍ତର କରିବା ନିମନ୍ତେ ସେମାନେ ହୁଜୁର ସ.ଅଙ୍କ ନିକଟକୁ ବାର୍ତ୍ତା ପ୍ରେରଣ କଲେ କି ଉମ୍ରୋଙ୍କର ମରଶରୀର ଆମକୁ ହସ୍ତାନ୍ତର କରିଦେଲେ ଆମେ ତାହାର ଦେୟ ସ୍ୱରୂପ ଆପଣଙ୍କୁ ୧୦ହଜାର ଦିର୍‌ହମ୍ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଅଛୁ । ସେମାନଙ୍କର ଚିନ୍ତାଧାରା ଥିଲା ଯେ, ଯେପରି ଆମେ ମରଶରୀର ଗୁଡ଼ିକର ଅଙ୍ଗ (ନାକ, କାନ) ଛେଦ କରିଦେଉଛୁ, ଓ୍ୱହଦ୍ ଯୁଦ୍ଧରେ ଯେପରି ହଜରତ ହମ୍‌ଜାଃଙ୍କ ସହିତ କରିଥିଲୁ ସମ୍ଭବତଃ ଆଜି ମୁସଲମାନମାନେ ଆମ ସରଦାରର ନାକ, କାନ ଛେଦ କରି ଆମ ଜାତିକୁ ଅପଦସ୍ତ କରିବେ । **କିନ୍ତୁ ଇସଲାମର ନୀତିଶିକ୍ଷା ସମ୍ପୂର୍ଣ୍ଣ ଭିନ୍ନ ଓ ପବିତ୍ର ଅଟେ ।** ଇସଲାମ ମରଶରୀରର ତିରସ୍କାର କରିବାକୁ ଆଦୌଁ ଅନୁମତି ଦେଇ ନାହିଁ । ସୁତରାଂ ଅମାନ୍ୟକାରୀଙ୍କ ବାର୍ତ୍ତା ହଜରତ ମୁହମ୍ମଦ ସ.ଅଙ୍କ ନିକଟରେ ପହଞ୍ଚିବା ମାତ୍ରେ ଆପଣ ତାଙ୍କୁ ଉତ୍ତର ଦେଲେ, ମରଶରୀର ଗୁଡ଼ିକୁ ଆମେ ବା କ'ଣ କରିବୁ ? ତାହା ଆମର କେଉଁ କାମରେ ଆସିବ, ତାହା ପ୍ରତିବଦଳରେ ଆମକୁ କୌଣସି ଅର୍ଥ ଲୋଡ଼ା ନାହିଁ । ନିଜ ମରଶରୀର ସ୍ୱଇଚ୍ଛାରେ ଏଠାରୁ ନେଇଯାଅ । ଆମର ତାହା ସହିତ କୌଣସି ସମ୍ପର୍କ ନାହିଁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର ଅ.ବ (ଜମାଅତର) ଅନ୍ତଃବିଭାଗ ଗୁଡ଼ିକର ଇଜ୍‌ତେମାର ଚର୍ଚ୍ଚା କରି ଉପଦେଶ ପୂର୍ବକ କହିଲେ; ଏହି ଦିନମାନଙ୍କରେ ଦୁଆ କରିବା ପ୍ରତି ବିଶେଷ ଭାବରେ ଧ୍ୟାନ ଦେବେ । ଅଲ୍ଲାଃତାଲା ଆପଣମାନଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆପଣମାନେ ଇଜ୍‌ତେମାର ଉଦ୍ଦେଶ୍ୟ ପ୍ରାପ୍ତ କରିବାକୁ ଚେଷ୍ଟା କରନ୍ତୁ, ନା କି କେବଳ ମୌଜ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ଅଥବା ଗପସପ ହେବାରେ ସମୟ ବ୍ୟତୀତ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ଏହାକୁ ବାବରକତ୍ (କଲ୍ୟାଣମୟ) କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

✵✵✵✵ ✵✵✵✵ ✵✵✵✵

Khulasa Khutba Juma Huzoor Anwar a.b.a

27th September 2024

*Translated to Odia by :* Moulavi Anwar Ahmad Khan